1961
___
ଏପ୍ରିଲ 12

ଦାଜି କ୍ରିଷ୍ଣାଜୀ ଦେସାଇ ତାମ୍ବୁକର୍

ବନାମ

ଗଣେଶ ବିଷ୍ଣୁ କୁଲକର୍ଣ୍ଣି ଏବଂ ଅନ୍ୟମାନେ

(କେ. ସୁବ୍ବା ରାଓ, ରଘୁବର ଦୟାଲ ଏବଂ

ଜେ. ଆର. ମୁଧୋଲକର, ନ୍ୟାୟାଧୀଶବୃନ୍ଦ)

*ଖୋଟି ଜମି- 1946 ପୂର୍ବରୁ ଖୋଟଙ୍କ ସମ୍ମତି ବିନା ହସ୍ତାନ୍ତର- କ୍ରେତାଙ୍କ ଅଧିକାର- ବମ୍ବେ ପ୍ରଜାସ୍ୱତ୍ତ୍ୱ ଅଧିନିୟମ 1939 (ବମ୍ବେ. 29/1939),ଧାରା 31, ଖୋଟି ବନ୍ଦୋବସ୍ତ ଅଧିନିୟମ, 1880 (ବମ୍ବେ, 1/1880) ଧାରା ଗୁଡିକ 3, 9 ।*

ମକଦ୍ଦମାରେ ଥିବା ଜମିଟି ଖୋଟି ଜମି ଥିଲା ଏବଂ ଖୋଟି ବନ୍ଦୋବସ୍ତ ଅଧିନିୟମ 1880ର ଧାରା 9, ଏହାର ସଂଶୋଧନ ପୂର୍ବରୁ ଖୋଟର ସମ୍ମତି ବିନା ଦଖଲ ଅଧିକାରର ସ୍ଥାନାନ୍ତରକୁ ନିଷିଦ୍ଧ କରିଥିଲା । ବମ୍ବେ ପ୍ରଜାସ୍ୱତ୍ତ୍ୱ ଅଧିନିୟମ 1939 ର ଧାରା 31, ଯାହା ଏପ୍ରିଲ 1946 ରୁ କାର୍ଯ୍ୟକାରୀ ହୋଇଥିଲା, ତାହା ଖୋଟି ବନ୍ଦୋବସ୍ତ ଅଧିନିୟମର ଧାରା 9କୁ ସଂଶୋଧନ କରିଥିଲା ଯାହା ଦ୍ୱାରା ଜମିରେ ଦଖଲ ଅଧିକାର ସ୍ଥାନାନ୍ତର ପାଇଁ ଖୋଟର ସମ୍ମତି ଆବଶ୍ୟକ ନଥିଲା । 1892 ମସିହାରେ, R ଖୋଟଙ୍କ ସମ୍ମତି ବିନା ନିଜ ଦଖଲ ଅଧିକାରକୁ L ଙ୍କୁ ବିକ୍ରି କରିଦେଇଥିଲେ, ଯିଏକି ଉତ୍ତରଦାତା 1ଙ୍କର ପୂର୍ବ ସ୍ୱତ୍ତ୍ୱାଧିକାରୀ ଥିଲେ । 1945 ମସିହାରେ, R'ଙ୍କ ଉତ୍ତରାଧିକାରୀ ପୁନର୍ବାର ଖୋଟଙ୍କ ସମ୍ମତି ବିନା ଆବେଦନକାରୀଙ୍କୁ ସେହି ଦଖଲ ଅଧିକାରଟିକୁ ବିକ୍ରି କରିଥିଲେ । ଆବେଦନକାରୀଙ୍କ ମାମଲା ଥିଲା ଯେ 1892 ମସିହାରେ ଉତ୍ତରଦାତା 1ଙ୍କ ପୂର୍ବ ସ୍ୱତ୍ତ୍ୱାଧିକାରୀ ସପକ୍ଷରେ କରାଯାଇଥିବା ଦଲିଲଟି ଅବୈଧ ଥିଲା କାରଣ ଦଖଲ ଅଧିକାରଟି ଖୋଟଙ୍କ ସମ୍ମତି ବିନା ସ୍ଥାନାନ୍ତର କରାଯାଇଥିଲା; ତଥାପି ଉତ୍ତରଦାତା 1 ଯୁକ୍ତି ଦେଇଥିଲେ ଯେ ୧୮୯୨ ମସିହାରେ ବିକ୍ରୀ ଦଲିଲ ଦ୍ୱାରା R ପୂର୍ବରୁ ମକଦ୍ଦମାରେ ଥିବା ସମ୍ପତ୍ତି ଉପରେ ତାଙ୍କର ଅଧିକାର ହରାଇ ସାରିଥିଲେ ଏବଂ ତେଣୁ R ଙ୍କର ଉତ୍ତରାଧିକାରୀମାନଙ୍କର ୧୯୪୫ ମସିହାରେ ଆବେଦନକାରିଙ୍କ ସପକ୍ଷରେ ଯୁକ୍ତି ଉପସ୍ଥାପନ କରିବା ପାଇଁ କୌଣସି ଅଧିକାର ନଥିଲା ।

ନିର୍ଣ୍ଣିତ ହେଲା, ଯେ ଏପ୍ରିଲ୍ 1946 ରେ ପ୍ରଣିତ ହୋଇଥିବା ବମ୍ବେ ପ୍ରଜାସ୍ୱତ୍ତ୍ୱ ଅଧିନିୟମ 1939 ପୂର୍ବରୁ ଖୋଟି ଜମିର ଦଖଲ ଅଧିକାର ଖୋଟଙ୍କର ସମ୍ମତି ବିନା ହସ୍ତାନ୍ତର କରାଯାଇପାରିବ ନାହିଁ ।

*1961*

*ଦାଜି କ୍ରିଷ୍ଣାଜୀ ଦେସାଇ ତାମୁଙ୍କର୍ ବନାମ ଗଣେଶ ବିଷ୍ଣୁ କୁଲକର୍ଣ୍ଣି*

ନ୍ୟାୟାଧୀଶ ରଘୁବର ଦୟାଲ

ଆହୁରି କୁହାଯାଇଛି ଯେ, ଯେହେତୁ ବର୍ତ୍ତମାନର ମାମଲାରେ ଥିବା 1892 ଏବଂ 1945 ର ଉଭୟ ବିକ୍ରୟ ଖୋଟଙ୍କ ସମ୍ମତି ବିନା ଥିଲା, ତେଣୁ ଏପରି ସ୍ଥାନାନ୍ତର ଅସିଦ୍ଧ କିମ୍ବା ଅସିଦ୍ଧ ଯୋଗ୍ୟ ହେବ ବୋଲି ନିର୍ଦ୍ଧାରଣ  କରିବାର ଆବଶ୍ୟକତା ନାହିଁ, ଯଦି ଅସିଦ୍ଧ ହୁଏ, ତେବେ ବାଦୀଙ୍କର କୌଣସି ସତ୍ତ୍ୱ ନଥିଲା । ଯଦି ଅସିଦ୍ଧ ଯୋଗ୍ୟ, ତେବେ 1892 ମସିହାରେ କରାଯାଇଥିବା ପ୍ରଥମ ବିକ୍ରୟଟି ଉତ୍ତରଦାତା ସଂଖ୍ୟା 1 ଙ୍କର ପୂର୍ବ ସତ୍ତ୍ୱାଧିକାରୀଙ୍କୁ ବୈଧ ଭାବରେ ସ୍ୱତ୍ୱ ପ୍ରଦାନ କରିଥିଲା ଏବଂ ଫଳସ୍ୱରୂପ 1945 ରେ ବିକ୍ରି ଦଲିଲ ଅନୁଯାୟୀ ବାଦୀ କୌଣସି ସ୍ୱତ୍ୱର ଅଧିକାରୀ ହୋଇନଥିଲେ କାରଣ ସେହି ସମୟରେ ହସ୍ତାନ୍ତରକାରୀଙ୍କର କୌଣସି ସ୍ୱତ୍ୱ ନଥିଲା ।

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା  90/1956 ।

ଅପିଲିୟ ଡିକ୍ରି ସଂଖ୍ୟା 915/1951ରେ ବମ୍ବେ ଉଚ୍ଚନ୍ୟାୟାଳୟଙ୍କର ଅଗଷ୍ଟ, 5, 1953 ର ରାୟ ଏବଂ ଡିକ୍ରିରୁ ବିଶେଷ ଅନୁମତି ଦ୍ୱାରା ଏହି ଆବେଦନ ।

*ଏମ୍. ଏସ୍. କେ.* ଶାସ୍ତ୍ରୀ ଆବେଦନକାରୀଙ୍କ ପାଇଁ ।

*ଏ. ଜି. ରତ୍ନପର୍ଖି,* ଉତ୍ତରଦାତା ସଂଖ୍ୟା  1ଙ୍କ ପାଇଁ ।

1961 ଏପ୍ରିଲ 12 ତାରିଖରେ ନ୍ୟାୟାଳୟଙ୍କ ରାୟ ପ୍ରଦାନ କରାଯାଇଥିଲା ।

ନ୍ୟାୟାଧୀଶ ରଘୁବର ଦୟାଲ

ନ୍ୟାୟାଧୀଶ ରଘୁବର ଦୟାଲଙ୍କ ଦ୍ୱାରା- ବିଶେଷ ଅନୁମତି  ଦ୍ୱାରା ଏହି ଆବେଦନଟି, ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ବାଦୀ ଆବେଦନକାରୀଙ୍କ ମକଦ୍ଦମାକୁ ଖାରଜ କରାଯିବାକୁ ଦିଆଯାଇଥିବା ରାୟ ଏବଂ ଡିକ୍ରି ବିରୁଦ୍ଧରେ ଥିଲା ।

ବାଦୀ ଏକ ଘୋଷଣା ପାଇଁ ମାମଲା ରୁଜୁ କରିଥିଲେ ଯେ ମକଦ୍ଦମା ଅନ୍ତର୍ଗତ ଖୋଟମାନଙ୍କ ଦ୍ୱାରା ଦଖଲରେ ଥିବା ରତ୍ନଗିରି ଜିଲ୍ଲାର ମୁଜେ ଦିଗୱାଲେ ଗ୍ରାମର ସମ୍ପତିଟି ତାଙ୍କ ମାଲିକାନାରେ ଥିଲା, ଏବଂ ପ୍ରତିବାଦୀମାନଙ୍କର ଏଥିରେ କୌଣସି ଅଧିକାର କିମ୍ବା ସ୍ୱାର୍ଥ ନଥିଲା । 1945 ମସିହା ଫେବୃଆରୀ 10 ତାରିଖରେ ସୀତାବାଈଙ୍କ ଦ୍ୱାରା ତାଙ୍କ ସପକ୍ଷରେ ନିଷ୍ପାଦିତ ହୋଇଥିବା ବିକ୍ରି ଦଲିଲ ଅନୁଯାୟୀ ଦଖଲ ଅଧିକାରର ବିକ୍ରୟ ଆଧାରରେ ସେ ଏହି ସମ୍ପତ୍ତିର ମାଲିକାନା ଦାବି କରିଥିଲେ । ସୀତାବାଈ, ବିଶ୍ରାମ ଆନ୍ନା ଶିରସାଟଙ୍କ ବିଧବା ପତ୍ନୀ ଥିଲେ, ଯିଏ ରାମ ରଘୁ ଶିରସାଟଙ୍କର ଉତ୍ତରାଧିକାରୀ ଥିଲେ, ଯିଏକି ମକଦ୍ଦମା ରେ ଥିବା ଜମିର ସ୍ୱତ୍ତ୍ୱାଧିକାରୀ ଥିଲେ । ରାମ ରଘୁ ଶିରସାତ ୮ ମାର୍ଚ୍ଚ ୧୮୯୨ ତାରିଖରେ ଏକ ଦଲିଲ ମାଧ୍ୟମରେ ଲକ୍ଷ୍ମଣ ଚାନ୍ଦବା ରାଉତଙ୍କୁ ମକଦ୍ଦମାରେ ଥିବା ଜମିର ଦଖଲ ଅଧିକାର ବିକ୍ରି କରିଥିଲେ । ଲକ୍ଷ୍ମଣ ଚାନ୍ଦବା ରାଉତଙ୍କର ଉତ୍ତରାଧିକାରୀ ଏବଂ ତନୁ ଦୌଲତ ଗାୱଡେ ସାକରାମଙ୍କ ମଧ୍ୟରେ ଏକ ଦେୱାନୀ

1961
ଦାଜି କ୍ରିଷ୍ଣାଜୀ ଦେସାଇ ତାମ୍ବୁକର୍ ବନାମ ଗଣେଶ ବିଷ୍ଣୁ କୁଲକର୍ଣ୍ଣି
ନ୍ୟାୟାଧୀଶ ରଘୁବର ଦୟାଲ

ମକଦ୍ଦମାରେ ଆପୋଷ ବୁଝାମଣା ଦ୍ୱାରା ଲକ୍ଷ୍ମଣ ରାଉତଙ୍କର ଦାୟାଦଙ୍କୁ ଏହି ଦଖଲ ଅଧିକାରରେ 3/5 ଭାଗ ମିଳିଥିଲା ଏବଂ ତନୁ ଦୌଲତଙ୍କୁ 2/5 ଭାଗ ମିଳିଥିଲା । ଦତ୍ତାତ୍ରେୟ ଭିକାଜୀ ଖୋଟ କୁଲକର୍ଣ୍ଣୀ, ଯିଏକି ଉତ୍ତରଦାତା ସଂଖ୍ୟା 1ଙ୍କର ପିତୃପକ୍ଷର ମାମୁଁ ଥିଲେ, ସେ ଡିସେମ୍ବର 14,1903, ଏବଂ ଫେବୃଆରୀ,13,1904 ରେ ବିକ୍ରୟ ଚୁକ୍ତିନାମା ଦ୍ୱାରା ଏହି ବ୍ୟକ୍ତିଙ୍କ ଅଂଶ କିଣିଥିଲେ ।କୁଲକର୍ଣୀଙ୍କ ମୃତ୍ୟୁ ପରେ, ଉତ୍ତରଦାତା 1 ସମ୍ପତ୍ତିର ମାଲିକ ହୋଇଥିଲେ ।ଉତ୍ତରଦାତା ସଂଖ୍ୟା 2 ରୁ ସଂଖ୍ୟା 4 ହେଉଛନ୍ତି ଉତ୍ତରଦାତା ସଂଖ୍ୟା 1 ଙ୍କର ଭଡ଼ାଟିଆ ।

ଖୋଟି ବନ୍ଦୋବସ୍ତ ଅଧିନିୟମ 1880ର ଧାରା 3ର ଖଣ୍ଡ 10 (ବମ୍ବେ ଅଧିନିୟମର ଧାରା1/1880) ଯାହାକୁ ଏହା ପରେ ଅଧିନିୟମ କୁହାଯାଏ, ଏହାର ବ୍ୟାଖ୍ୟା ଅନୁଯାୟୀ ମକଦ୍ଦମାରେ ଥିବା ଜମି ଖୋଟି ଜମି ଥିଲା । ଏହା ମଧ୍ୟ ସ୍ୱୀକାର କରାଯାଏ ଯେ ହସ୍ତାନ୍ତରକାରୀମାନେ 1892 ମସିହାର ଉତ୍ତରଦାତା ସଂଖ୍ୟା 1ଙ୍କ ପୂର୍ବ ସତ୍ତ୍ୱାଧିକାରୀଙ୍କ ସପକ୍ଷରେ କରାଯାଇଥିବା ବିକ୍ରି ଦଲିଲ ସ୍ଥାନାନ୍ତର, କିମ୍ବା ଆବେଦନକାରୀଙ୍କ ସପକ୍ଷରେ 1945 ର ବିକ୍ରି ଦଲିଲ ସ୍ଥାନାନ୍ତର କରିବା ପୂର୍ବରୁ ଖୋଟଙ୍କ ସମ୍ମତି ଗ୍ରହଣ କରିନଥିଲେ।

ବାଦୀ ଅଭିଯୋଗ କରିଛନ୍ତି ଯେ ଉତ୍ତରଦାତା ସଂଖ୍ୟା 1ଙ୍କ ସପକ୍ଷରେ କରାଯାଇଥିବା ବିକ୍ରି ଦଲିଲ ଅସିଦ୍ଧ ଥିଲା ଏବଂ ତେଣୁ ତାଙ୍କ ସପକ୍ଷରେ କରାଯାଇଥିବା ବିକ୍ରି ଦଲିଲ ଆଧାରରେ ମକଦ୍ଦମା ଥିବା ଜମିର ମାଲିକାନା ତାଙ୍କର ଥିଲା ।

ଉତ୍ତରଦାତା ସଂଖ୍ୟା 1 ଦର୍ଶାଇଥିଲେ ଯେ ରାମ ରଘୁ ଶିରସାଟ 1892 ମସିହା ମାର୍ଚ୍ଚ 8 ତାରିଖରେ ବିକ୍ରି ଦଲିଲକୁ କାର୍ଯ୍ୟକାରୀ କରିବା ପରେ ମକଦ୍ଦମାରେ ଥିବା ସମ୍ପତ୍ତିରେ ନିଜର ଅଧିକାର ହରାଇଥିଲେ, ଏବଂ ସେଥିପାଇଁ, ବାଦୀ ତାଙ୍କ ସପକ୍ଷରେ କରାଯାଇଥିବା ବିକ୍ରି ଦଲିଲ ଆଧାରରେ କୌଣସି ଅଧିକାର ପାଇ ନଥିଲେ ।

ବିଚାରଣ ନ୍ୟାୟାଳୟ ନିର୍ଣ୍ଣିତ କରିଥିଲେ ଯେ 1892 ମସିହାର ବିକ୍ରି ଦଲିଲ ଏକ ବୈଧ ବିକ୍ରୟ ଦଲିଲ ଏବଂ ବାଦୀଙ୍କ ଉପରେ ବାଧ୍ୟତାମୂଳକ ଥିଲା ଏବଂ ମକଦ୍ଦମାକୁ ଖାରଜ କରିଦେଇଥିଲେ । ଆବେଦନ ପରେ, ସହକାରୀ ନ୍ୟାୟାଧୀଶ ଏହି ଡିକ୍ରିକୁ ପ୍ରତ୍ୟାଖ୍ୟାନ କରିଥିଲେ ଏବଂ ରାୟ ଦେଇଥିଲେ ଯେ ରାମ ରଘୁ ସିରସାଟଙ୍କ ଦ୍ୱାରା ଲକ୍ଷ୍ମଣ ରାଉତଙ୍କ ସପକ୍ଷରେ କରାଯାଇଥିବା ଦଖଲ ଅଧିକାରର ସ୍ଥାନାନ୍ତର ଅବୈଧ ଥିଲା ଏବଂ ବାଦୀ ସପକ୍ଷରେ କରାଯାଇଥିବା ବିକ୍ରି ଦଲିଲ ମାଲିକାନାକୁ ବୈଧ ଘୋଷଣା କରିଥିଲେ,ଏହି ମକଦ୍ଦମାର ନିର୍ଣ୍ଣୟ ବମ୍ବେ ପ୍ରଜାସ୍ୱତ୍ତ୍ୱ ଅଧିନିୟମ 1939ର ଧାରା 3 ଦ୍ୱାରା କରାଯାଇଥିବା ଧାରା 9ରେ ସଂଶୋଧନ (ଧାରା XXIX/1939) କୁ ଦୃଷ୍ଟିରେ ରଖି ନିଆଯାଇଥିଲା ଯାହା ଦ୍ୱାରା 1945 ରେ ବିକ୍ରି ଦଲିଲକୁ କାର୍ଯ୍ୟକାରୀ କରିବା ପାଇଁ ଖୋଟଙ୍କର କୌଣସି ସମ୍ମତି ଆବଶ୍ୟକ ନଥିଲା । ଉତ୍ତରଦାତା ସଂଖ୍ୟା

1 ଉଚ୍ଚ ନ୍ୟାୟାଳୟରେ ଦ୍ୱିତୀୟ ମକଦ୍ଦମାକୁ ଦୟାର କରିଥିଲେ ଯାହା ସହକାରୀ ନ୍ୟାୟାଧୀଶଙ୍କ ଡିକ୍ରିକୁ ଆଦେଶକୁ ବାତିଲ କରି ଦୌରା ବିଚାରଳୟଙ୍କର ଡିକ୍ରିକୁ ପୁନଃସ୍ଥାପିତ କରିଥିଲା, ମକଦ୍ଦମାକୁ ଖାରଜ କରାଯାଇଥିଲା । ଏହି ନିର୍ଣ୍ଣୟ କରିଥିଲେ ଯେ ବାଦୀଙ୍କ ସପକ୍ଷରେ କରାଯାଇଥିବା ବିକ୍ରି ଦଲିଲ ମଧ୍ୟ ଅଧିନିୟମର ଧାରା ୨ର ବ୍ୟବସ୍ଥା ଦ୍ୱାରା ପ୍ରଭାବିତ ହେବ । ଏହା ଆହୁରି ମଧ୍ୟ ଦର୍ଶାଇଥିଲା ଯେ ଧାରା ୨ର ବ୍ୟବସ୍ଥାଗୁଡିକ ଦଖଲ ଅଧିକାରର ସ୍ଥାନାନ୍ତର ବିରୁଦ୍ଧରେ କୌଣସି ସମ୍ପୂର୍ଣ୍ଣ ନିଷେଧ ସୂଚିତ କରେ ନାହିଁ । ଖୋଟଙ୍କ ସମ୍ମତି ବିନା ଜଣେ ଦଖଲାଧୀନ ଭଡ଼ାଟିଆଙ୍କ ଦ୍ୱାରା ସ୍ଥାନାନ୍ତରକୁ ସମସ୍ତ ଉଦ୍ଦେଶ୍ୟ ପାଇଁ ଅବୈଧ ବୋଲି ନିର୍ଣ୍ଣିତ କରାଯାଇପାରିବ ନାହିଁ ଏବଂ ଏହା କେବଳ ସେତେବେଳେ ଅବୈଧ ନିର୍ଣ୍ଣିତ ହେବ ଯେତେବେଳେ ଏହା ଖୋଟଙ୍କର ଅଧିକାରର ବିପରୀତ ହେବ । ତେଣୁ ଏହା 1892ରେ ଉତ୍ତରଦାତା ସଂଖ୍ୟା 1 ଙ୍କ ପୂର୍ବ ସତ୍ୱାଧିକାରୀଙ୍କ ସପକ୍ଷରେ କରାଯାଇଥିବା ସ୍ଥାନାନ୍ତରଟି ଅସିଦ୍ଧ ନୁହେଁ ବୋଲି ଦର୍ଶାଇଥିଲେ । ଏହି ଆଦେଶର ସଠିକତାକୁ ଏହି ଆବେଦନରେ ଆହ୍ୱାନ କରାଯାଇଛି ।

ଏହି ଆବେଦନର କୌଣସି ପ୍ରଭାବ ନାହିଁ । ବମ୍ବେ ପ୍ରଜାସ୍ୱତ୍ତ୍ୱ ଅଧିନିୟମ 1939ର ଧାରା 31 ଅଧିନିୟମର ଧାରା ୨ରେ ସଂଶୋଧନ କରିଥିଲା ଏବଂ ସଂଶୋଧନ ପରେ ଏହିପରି ଭାବରେ ପରିଭାଷିତ ହୋଇଥିଲା ଯେ "ଖୋଟ ଏବଂ ବିଶେଷାଧିକାରପ୍ରାପ୍ତ ଦଖଲକାରୀଙ୍କ ଅଧିକାର ବଂଶାନୁକ୍ରମିକ ଏବଂ ହସ୍ତାନ୍ତରଯୋଗ୍ୟ ହେବ" । ''ବିଶେଷାଧିକାରପ୍ରାପ୍ତ ଦଖଲକାରୀ' ଅଧିନିୟମର ଧାରା 3ର ଖଣ୍ଡ 5 ଅନୁଯାୟୀ ଜଣେ ସ୍ଥାୟୀ ଭଡ଼ାଟିଆ ଥିଲେ । ବମ୍ବେ ଭଡା ଆଇନକୁ ୧୯୪୦ ମସିହା ଏପ୍ରିଲ ୨ ତାରିଖ ଦିନ ବମ୍ବେର ରାଜ୍ୟପାଳଙ୍କ ସମ୍ମତି ମିଳିଥିଲା, କିନ୍ତୁ ଏହି ଆଇନ ୧୯୪୬ ମସିହା ଏପ୍ରିଲ ମାସରେ ଲାଗୁ ହୋଇଥିଲା, ଯେତେବେଳେ ସରକାର ଏହି ଅଧିନିୟମର ଧାରା ୧ର ଉପଧାରା (୩) ଅନୁଯାୟୀ ଦିଆଯାଇଥିବା କ୍ଷମତାକୁ ପ୍ରୟୋଗ କରି ଆବଶ୍ୟକ ବିଜ୍ଞପ୍ତି ଜାରି କରିଥିଲେ । ତେଣୁ ଏହା ସ୍ପଷ୍ଟ ଯେ ୧୯୪୫ ମସିହା ଫେବୃଆରୀ ୧୦ ତାରିଖ ଦିନ, ଯେତେବେଳେ ସୀତାବାଇ ଆବେଦନକାରୀଙ୍କ ସପକ୍ଷରେ ବିକ୍ରୟ ଦସ୍ତାବିଜ ଦାଖଲ କରିଥିଲେ, ଧାରା ୯ ଅନୁଯାୟୀ, ଖୋଟ୍ ଙ୍କ ସମ୍ମତି ବିନା ସ୍ଥାୟୀ ଭଡାଟିଆଙ୍କ ଅଧିକାରକୁ ସ୍ଥାନାନ୍ତର କରାଯାଇପାରିବ ନାହିଁ । ତେଣୁ ଅଧିନିୟମର ଧାରା ୨ର ବ୍ୟବସ୍ଥା ଦ୍ୱାରା ଆବେଦନକାରୀଙ୍କ ସପକ୍ଷରେ ହୋଇଥିବା ଏହି ବିକ୍ରୟଟି, ପ୍ରତିପକ୍ଷସଂଖ୍ୟା 1 ଙ୍କ ପୂର୍ବ ସତ୍ୱାଧିକାରୀଙ୍କ ସପକ୍ଷରେ ହୋଇଥିବା ଜମି ବିକ୍ରୟ ଭଳି ପ୍ରତିକୂଳ ଭାବେ ପ୍ରଭାବିତ ହୋଇଥିଲା । ତେଣୁ ଏହି ବିକ୍ରୟ ନିହାତି ଅସିଦ୍ଧ କିମ୍ବା ଅସିଦ୍ଧ ଯୋଗ୍ୟ ଥିଲା କି ନୁହେଁ ତାହା ନ୍ୟାୟାଳୟଙ୍କ ନିମ୍ନୋକ୍ତ ମତାନୁସାରେ ନିର୍ଦ୍ଧାରଣ କରିବାର ଆବଶ୍ୟକତା ନାହିଁ, କାରଣ ଏହି ଦୁଇଟି ବିକ୍ରୟ ମଧ୍ୟରୁ କୌଣସି ବିକ୍ରୟର ହସ୍ତାନ୍ତର ପାଇଁ ସମ୍ମତି ଆବଶ୍ୟକ ଥିଲା ବୋଲି ଖୋଟ୍ ଆପତ୍ତି କରିନଥିଲେ । ଖୋଟଙ୍କ ସମ୍ମତି ବିନା ଜଣେ ସ୍ଥାୟୀ ଭଡ଼ାଟିଆଙ୍କ ଦ୍ୱାରା ସ୍ଥାନାନ୍ତର ଅସିଦ୍ଧ କିମ୍ବା ଅସିଦ୍ଧ ଯୋଗ୍ୟ ହେବ କି ନାହିଁ ବିଷୟରେ ବାଦୀଙ୍କ ପାଖରେ କୌଣସି ସତ୍ତ୍ୱ ନାହିଁ । ଯଦି ଏପରି ସ୍ଥାନାନ୍ତର ଅବୈଧ ହୋଇଥାଏ,

1961
ଦାଜି କ୍ରିଷ୍ଣାଜୀ ଦେସାଇ ତାମୁକ୍କର୍ ବନାମ ଗଣେଶ ବିଷ୍ଣୁ କୁଲକର୍ଣ୍ଣି
ନ୍ୟାୟାଧୀଶ ରଘୁବର ଦୟାଲ

ତେବେ ଆବେଦନକାରୀଙ୍କ ସପକ୍ଷରେ ହୋଇଥିବା ବିକ୍ରୟ ତାଙ୍କୁ କୌଣସି ଅଧିକାର ପ୍ରଦାନ କରିନଥିଲା । ଯଦି ଖୋଟଙ୍କ ଦ୍ୱାରା ଏପରି ବିକ୍ରୟ ଅସିଦ୍ଧ ଯୋଗ୍ୟ  ହୋଇଥିଲା, ତେବେ ଉତ୍ତରଦାତା ସଂଖ୍ୟା 1 ଙ୍କ ପୂର୍ବ ସ୍ୱାତ୍ୱାଧିକାରୀଙ୍କ ସପକ୍ଷରେ କରାଯାଇଥିବା ବିକ୍ରୟଟି ଖୋଟ୍ ଦ୍ୱାରା ଏଡ଼ାଯାଇ ନଥିଲା, ତେଣୁ  ତାଙ୍କୁ ବୈଧ ଭାବରେ ସତ୍ୱ ପ୍ରଦାନ କରିଥିଲା । ଫଳସ୍ୱରୂପ ବାଦୀଙ୍କ ସପକ୍ଷରେ ବିକ୍ରି ଦଲିଲ ଅଧୀନରେ କୌଣସି ସତ୍ୱ ହସ୍ତାନ୍ତର କରାଯାଇ ନଥିଲା କାରଣ ତାଙ୍କ ହସ୍ତାନ୍ତରକାରୀଙ୍କ କୌଣସି ସତ୍ୱ ନଥିଲା । ଉଭୟ କ୍ଷେତ୍ରରେ ବାଦୀ ଜଣକ ମକଦ୍ଦମାରେ ଥିବା ଜମି ଉପରେ ନିଜର ସତ୍ୱ ପ୍ରମାଣ କରିବାରେ ବିଫଳହୋଇଛନ୍ତି । ତେଣୁ ତାଙ୍କ ମକଦ୍ଦମାକୁ ଖାରଜ ବିଷୟଟି ସଠିକ ଅଟେ । ସେହି ଅନୁଯାୟୀ ଆମେ ଏହି ଆବେଦନକୁ ଖର୍ଚ୍ଚ ସହିତ ଖାରଜ କରୁଅଛୁ ।

ଆବେଦନକୁ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।